ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୯ ଜୁନ, ୨୦୨୧

**କୁଜଙ୍ଗ ବଜାର ବନ୍ଦ କଲେ ଜିଲାପାଳ**

ଜଗତ୍‌ସିଂହପୁର ଅଫିସ: କୁଜଙ୍ଗ ବଜାରରେ ଅତ୍ୟଧିକ ଭିଡ଼ ପରିଲକ୍ଷିତ ହେଉଥିଲା। ଏନେଇ କରୋନା ସଂକ୍ରମଣ ବ୍ୟାପିବା ଆଶଙ୍କାରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଏହାକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଗକୁ ସାବିତ୍ରୀ ଓ ରଜ ଭଳି ପର୍ବ ଥିବାବେଳେ କୁଜଙ୍ଗ ବଜାରରେ ଦୋକାନଠାରୁ ଆରମ୍ଭ କରି ସାଧାରଣଜନତା ପର୍ଯ୍ୟନ୍ତ ସଭିଏଁ କୋଭିଡ୍ ନିୟମ ଉଲ୍ଲଂଘନ କରି ଭିଡ଼ ଜମାଉଥିଲେ। ଏନେଇ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ଜିଲାପାଳ ତାଙ୍କ ନିର୍ଦ୍ଦେଶନାମାରେ ଉଲ୍ଲେଖ କରିଛନ୍ତି।



## ସଂକ୍ଷେପରେ

### ୭ ବର୍ଷର ପୁଅ ପାଇଁ ଯୁବକଙ୍କୁ ଅପହରଣ
### ଯୁବକ ଉଦ୍ଧାର, ୪ ଗିରଫ

ରାଜନଗର,୮।୬(ଡି.ଏନ.ଏ.): ରାଜନଗର ଥାନା ବରୁଣିପଲା ଗାଁର ଜଣେ ଯୁବକଙ୍କୁ ୪ ଯୁବକ ତାଙ୍କ ଘର ନିକଟରୁ ଉଠାଇ ନେଇ ଅଜ୍ଞାତ ସ୍ଥାନରେ ରଖିଥିଲେ। ପୋଲିସ ସ୍ୱତନ୍ତ୍ର ଟିମ୍ ଗଠନ କରି ଯୁବକଙ୍କୁ ଉଦ୍ଧାର କରିବା ସହିତ ୪ଜଣ ଅପହରଣକାରୀଙ୍କୁ ଗିରଫ କରିଛି। ୭ ବର୍ଷର ପୁଅକୁ ନିଜ ପାଖକୁ ନେବାକୁ ତାର ବାପା ଏପରି ଅପହରଣ କରିଥିବା ପୋଲିସ ସୂତ୍ରରୁ ଜଣାପଡିଛି। ମଙ୍ଗଳବାର ଅପରାହ୍ନରେ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେହୁରିଆ ରାଜନଗର ଥାନାରେ ଖବରଦାତା ସମ୍ମିଳନୀ କରି ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ବରୁଣିପଲା ଗାଁର ରଶ୍ମିତା ପ୍ରଧାନ ସୋମବାର ସନ୍ଧ୍ୟାରେ ରାଜନଗର ଥାନାରେ ତାଙ୍କ ସ୍ୱାମୀ ଦୀପକ ପ୍ରଧାନଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ କରିଥିଲେ। ପୂର୍ବ ଶତ୍ରୁତାକୁ ନେଇ ତନ୍ତିଆପାଳ ଥାନା ମାଳିଅଞ୍ଚ ଗାଁର ନରେନ୍ଦ୍ର ସ୍ୱାଇଁ, ସରୋଜକାନ୍ତ ସ୍ୱାଇଁ, ସୁଧାଂଶୁ ସ୍ୱାଇଁ, ଭାସ୍କର ପ୍ରଧାନ, ପ୍ରଶାନ୍ତ ପ୍ରଧାନ ଓ ଅନ୍ୟ ସହଯୋଗୀମାନେ ଆସି ମୋତେ ଗାଳିଗୁଲଜ କରିବା ସହ ମୋ' ପୁଅକୁ ମାଗିଲେ। ପୁଅକୁ ଦେବାକୁ ମନା କରିବାରୁ ମୋ' ତଣ୍ଟିକୁ ଚିପି ତଳେ ପକାଇ ମାରିଲେ। ସ୍ୱାମୀ ବିରୋଧ କରିବାରୁ ତାଙ୍କୁ ମାଡ଼ ମାରି ଘୋଷାରି କି ବୋଲେରୋରେ ନେଇଯାଇଛନ୍ତି। ଅଭିଯୋଗ ପାଇବା ପରେ ଆଇଆଇସି ତପନ କୁମାର ନାୟକ କେନ୍ଦ୍ରାପଡ଼ା ଏସ୍‌ପି ଓ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓଙ୍କୁ ଜଣାଇଥିଲେ। ଏକ ଟିମ୍ ଗଠନ କରି ଚଢ଼ାଉ କରାଯାଇ ମହାକାଳପଡ଼ା କେୟାରବାଙ୍କ ମଠ ନିକଟ ନଦୀପଠାରୁ ଦୀପକଙ୍କୁ ପୋଲିସ ଉଦ୍ଧାର କରିଛି। ଦୀପକଙ୍କ ହାତକୁ ଗାମୁଛାରେ ବନ୍ଧା ଯାଇଥିବା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ନଦୀପଠାରୁ ୨ଟି ବାଇକ୍ ଜବତ କରାଯାଇଥିବା ସହ ସେଠାରେ ଥିବା ସୁଧାଂଶୁ, ସରୋଜକାନ୍ତ, ସୁବାସ ସ୍ୱାଇଁ ପ୍ରମୁଖ ୩ ଭାଇଙ୍କ ସହ କୁମ୍ଭାରପଡାର ଶଙ୍କର୍ଷଣ ରାଉତଙ୍କୁ ପୋଲିସ ଘଟଣାସ୍ଥଳରୁ ଗିରଫ କରି କୋର୍ଟ ଚାଲାଣ କରିଛି। ଥାନାରେ ନଂ. ୨୬୬/୨୧ରେ ମାମଲା ରୁଜୁ ହୋଇଛି।

### ବ୍ୟବସାୟୀଙ୍କଠାରୁ ୩୦ ହଜାର ଟଙ୍କା ଜରିମାନା

ବାଲିକୁଦା,୮।୬(ସ୍ୱ.ପ୍ର.): ଲକ୍‌ଡାଉନ ନିୟମ ଉଲ୍ଲଂଘନ କରିବା ଅଭିଯୋଗରେ ବାଲିକୁଦାର ବ୍ଲକର ବିଭିନ୍ନ ବଜାରରେ ଚଢ଼ାଉ କରି ଲୁଗା,ଷ୍ଟେସନାରୀ, ଗ୍ରୋସରି ବ୍ୟବସାୟୀଙ୍କଠାରୁ ସୋମବାର ୩୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ତହସିଲଦାର ସିଦ୍ଧାର୍ଥ ଶଙ୍କର ସାହୁ ଓ ବାଲିକୁଦା ଥାନା ଅଧିକାରୀ ଦିଲୀପ ସାହୁ ବୋରିକିନା ବଜାର, ଓଷକଣା ବଜାର, ତିହୁଡ଼ି ବଜାର, ବାଲିକୁଦା ବଜାର, ଅପଣ୍ଡରାରେ ଚଢ଼ାଉ କରି ଜରିମାନା ଆଦାୟ କରିଥିଲେ।

### ବୋରିକିନା, ବାଲିକୁଦା ସାପ୍ତାହିକ ହାଟ ବନ୍ଦ

ବାଲିକୁଦା,୮।୬(ସ୍ୱ.ପ୍ର.):ବାଲିକୁଦା ବ୍ଲକର ବୋରିକିନା ଓ ବାଲିକୁଦା ଓ ବାଲିପାଟଣା ହାଟକୁ ସାପ୍ତାହିକ ହାଟ ବାରିରେ ବନ୍ଦ ରଖିବାକୁ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚମାନେ ନିର୍ଦ୍ଦେଶ ଦେଇଛନ୍ତି। ୧୭ ତାରିଖ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ ବୋଲି ସେମାନେ ନିର୍ଦ୍ଦେଶନାମା ଜାରି କରିଛନ୍ତି। ହାଟଗୁଡିକରେ ଅଧିକ ଭିଡ଼ ହେଉଥିବାରୁ ଗୋଷ୍ଠୀ ସଂକ୍ରମଣ ଆଶଙ୍କାରେ ସରପଞ୍ଚ ସାଧୁ ଚରଣ ସାହୁ, ସରପଞ୍ଚ ଅନସୂୟା ସାହୁ ବନ୍ଦ ଘୋଷଣା କରିଛନ୍ତି।

# ବେଆଇନ ଚାଲାଣ ରୋକିବ ସଶସ୍ତ୍ର ସୁରକ୍ଷା ବାହିନୀ

ଯାଜପୁର ଅଫିସ,୮।୬



ଯାଜପୁର ଜିଲାରେ ଲଘୁ ଖଣିଜ ଦ୍ରବ୍ୟର ବେଆଇନ ଚାଲାଣକୁ ନିୟନ୍ତ୍ରଣ କରିବାକୁ ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ଦୃଢ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଅତିରିକ୍ତ ପୋଲିସ ଡିଜି (ଲ ଆଣ୍ଡ ଅର୍ଡର)ଙ୍କ ନିର୍ଦ୍ଦେଶ ଅନୁସାରେ ଜିଲାପାଳ ଏକ ସଶସ୍ତ୍ର ସୁରକ୍ଷା ବାହିନୀ (ଆର୍ମଡ୍ ଷ୍ଟ୍ରାଇକିଂ ଫୋର୍ସ) ଗଠନ କରିଛନ୍ତି। ଯାଜପୁର ଏସ୍‌ପି ଡିଏସ୍‌ପି ପ୍ରଫୁଲ୍ଲ କୁମାର ମିଶ୍ରଙ୍କୁ ନୋଡାଲ ଅଫିସର ଭାବେ ଏହି ଦାୟିତ୍ୱ ଦେଇଛନ୍ତି। ଏହି ସ୍ୱତନ୍ତ୍ର ଦଳ ବେଆଇନ ଲଘୁ ଖଣିଜ ସମ୍ପଦର ଚୋରା କାରବାର ଓ ପରିବହନକୁ ନିୟନ୍ତ୍ରଣ କରିବାକୁ ସଂପୃକ୍ତ ରାଜସ୍ୱ ଅଧିକାରୀଙ୍କୁ ସହଯୋଗ କରିବେ ବୋଲି ଜିଲାପାଳ ମଙ୍ଗଳବାର ଉପଜିଲାପାଳଙ୍କୁ ଅବଗତ କରିଛନ୍ତି।

ଜିଲାର ଧର୍ମଶାଳା, ଦର୍ପଣ ଓ ବ୍ୟାସନଗର ତହସିଲ ଅଞ୍ଚଳରେ କଳାପଥର, ବାଲି, ମୋରମ, ମାଙ୍କଡାପଥର ଚୋରା କାରବାର ସମେତ ବେଆଇନ କ୍ରଶର ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପୂର୍ବରୁ ଏକାଧିକ ଟାସ୍କଫୋର୍ସ ଗଠନ ହୋଇଥିଲା। ହେଲେ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। କେତେଜଣ ଅଧିକାରୀ, କର୍ମଚାରୀ ମାଫିଆଙ୍କ ସହ ହାତ ମିଳାଇ ଲଘୁ ଖଣିଜ ସମ୍ପଦ ଲୁଟ କାରବାରରେ ସହଯୋଗ କରି ଆସୁଛନ୍ତି। ଜିଲାପାଳଙ୍କ ଦ୍ୱାରା ଗଠିତ ନୂଆ ସଶସ୍ତ୍ର ବାହିନୀ କେତେ ସଫଳ ହେବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

୨୦୧୮ ଡିସେମ୍ବରରେ ତତ୍କାଳୀନ ରାଜସ୍ୱ ସଚିବ ପ୍ରତି ଜିଲାରେ ଜିଲାପାଳ ଓ ଏସ୍‌ପିଙ୍କୁ ନେଇ ଟାସ୍କଫୋର୍ସ ଗଠନ କରି ଲଘୁ ଖଣିଜର ବେଆଇନ କାରବାର ଉପରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟରେ ଲିପ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳ ଓ ଏସ୍‌ପି ସେତେବେଳେ ତତ୍ପରତା ପ୍ରକାଶ କରିଥିଲେ। ବାଲିଘାଟ ଓ ସଇରାତ ଅଞ୍ଚଳ ଗସ୍ତକରି ଚଢ଼ାଉ କରିଥିଲେ। ମାତ୍ର ଦର୍ପଣ ଓ ଧର୍ମଶାଳା ତହସିଲ ଅଞ୍ଚଳରେ ପୂର୍ବପରି ବେଆଇନ ଚାଲାଣ ଜୋର ଧରିଥିଲା। ଇତିମଧ୍ୟରେ ତତ୍କାଳୀନ ଜିଲାପାଳ ରଞ୍ଜନ ଦାସ ମଧ୍ୟ ଏକାଧିକ ଟାସ୍କଫୋର୍ସ ଗଠନ କରିଛନ୍ତି। ତାହା ମଧ୍ୟ ନିଷ୍କ୍ରିୟ ହୋଇଛି। ୨।୬।୨୧ରେ ଜିଲାପାଳ ରାଠୋର ଅନ୍ୟ ଏକ ନିର୍ଦ୍ଦେଶ ଜାରି କରିଛନ୍ତି। ବେଆଇନ ଭାବେ ଚାଲିଥିବା କ୍ରଶର ତୁରନ୍ତ ବନ୍ଦ ହେବ। ତେବେ ଅନୁମତିପ୍ରାପ୍ତ କ୍ରଶରଗୁଡ଼ିକରେ ସିସିଟିଭି କ୍ୟାମେରା ସମେତ ଏକ ରେଜିଷ୍ଟର ବ୍ୟବହାର କରାଯିବ। କ୍ରଶରକୁ ଆସୁଥିବା କଞ୍ଚାମାଲ,ପରିବହନ ହେଉଥିବା

**ଲଘୁ ଖଣିଜ ଦ୍ରବ୍ୟ କାରବାର**

ସାମଗ୍ରୀର ସବିଶେଷ ତଥ୍ୟ ରଖାଯିବ। ପ୍ରତି ୧୫ ଦିନରେ ସମ୍ପୃକ୍ତ ତହସିଲଦାର ଉକ୍ତ ରେଜିଷ୍ଟର ଓ କ୍ୟାମେରା ଯାଞ୍ଚ କରି ରିପୋର୍ଟ ପ୍ରଦାନ କରିବେ। ରେଜିଷ୍ଟର ଓ ସିସି କ୍ୟାମେରାରେ ଯଦି ଅମେଳ ହେବ ତେବେ ସମ୍ପୃକ୍ତ କ୍ରଶର ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଭଳି ୧୦ ଦଫା ନିର୍ଦ୍ଦେଶ ଜାରି କରି ଲଘୁ ଖଣିଜ ଦ୍ରବ୍ୟ କାରବାରକୁ ସୁବ୍ୟବସ୍ଥିତ କରିବାକୁ ଜିଲାପାଳ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହାସହ ବେଆଇନ କାରବାରକୁ ରୋକିବାକୁ ଉପଜିଲାପାଳ, ତହସିଲଦାର ଧର୍ମଶାଳା ଓ ଦର୍ପଣ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସପିସିବି)ର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ, ଡିଏମ୍ ଯାଜପୁର ରୋଡ, ଡାଲିଯୋଡା ଫରେଷ୍ଟ ରେଞ୍ଜ ଅଧିକାରୀଙ୍କ ସହ ଧର୍ମଶାଳା, ଜେନାପୁର ଓ ବଡଚଣା ଥାନାଧିକାରୀଙ୍କୁ ନେଇ ସ୍ୱତନ୍ତ୍ର ସୁରକ୍ଷା ବାହିନୀ ଗଠନ କରାଯାଇଛି।

# ଦୁଇ ଭାଇଙ୍କୁ ମରଣାନ୍ତକ ଆକ୍ରମଣ

ଆଳି,୮।୬(ଡି.ଏନ୍.ଏ.)

ଆଳି ଥାନା ବଡ଼ ମୂଳସାହି ଗାଁରେ ଦୁଇଦିନ ମଧ୍ୟରେ ଗୋଟିଏ ପରିବାରର ଦୁଇ ଭାଇଙ୍କୁ ସେହି ଗ୍ରାମର କେତେଜଣ ଯୁବକ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗ ପାଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ ବୋଲି ଆକ୍ରମଣର ଶିକାର ଦୁଇଭାଇଙ୍କ ବାପା ମହେଶ୍ୱର ସେନାପତି କହିଛନ୍ତି। ଆକ୍ରମଣରେ ଶିକାର ହୋଇଥିବା ଧୀରେନ୍ଦ୍ରଙ୍କ ସ୍ତ୍ରୀ ଜିନିଆ ଗତ ୬ ତାରିଖରେ ଅଭିଯୋଗ କରିଛନ୍ତି। ବାତ୍ୟା ସମୟରେ ରିଲିଫ ସାମଗ୍ରୀ ନେଇ ଯାଉଥିବା କେତେଜଣ ଅସାମାଜିକ ଯୁବକଙ୍କୁ ତାଙ୍କ ସ୍ୱାମୀ ବାଧା ଦେଇଥିଲେ। ଗାଁର ନିର୍ମଳ ବେହେରା, ରଞ୍ଜନ ସେନାପତି, ଅଧୀର ସେନାପତି, ପୋକରା ସେନାପତି, ସୁବ୍ରତ ସେନାପତି, ବିକ୍ରମ ସେନାପତି, ଜ୍ଞାନରଞ୍ଜନ ପରିଡା, ଶିବମ ସେନାପତି, ପ୍ରକାଶ ସେନାପତି ଓ ଅନ୍ୟ କେତେଜଣ ଯୁବକ ଦଳବଦ୍ଧ ହୋଇ ୬ ତାରିଖରେ ଧୀରେନ୍ଦ୍ରଙ୍କୁ ଆଳି ଚିଂ ବନ୍ଧ ନିକଟରେ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ତାଙ୍କର ଗୋଡ, ହାତ, ମୁଣ୍ଡ, ପିଠି ଆଦି ବିଭିନ୍ନସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କର ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ସେ ଏବେ ଚିକିତ୍ସାଧୀନ ଅଛନ୍ତି। ଥାନା ନଂ. ୧୭୫/୨୧ରେ ମାମଲା ରୁଜୁ ହୋଇଛି। ସୋମବାର ଆହତ ଧୀରେନ୍ଦ୍ରଙ୍କ ସାନଭାଇ ଶ୍ରୀଧରଙ୍କୁ ଯୁବକମାନେ ମରଣାନ୍ତକ ଆକ୍ରମଣ କରିଥିବା ମଝିଆ ଭାଇ ସୁଦର୍ଶନ ଥାନାରେ ଅଭିଯୋଗ କରଛନ୍ତି। ଯୁବକମାନେ ଶ୍ରୀଧରଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିବାରୁ ତାଙ୍କ ହାତ ଗୋଡ ଭାଙ୍ଗି ଯାଇଥିବା ଅଭିଯାଗରେ ସେ ଉଲ୍ଲେଖ କରିଛନ୍ତି। ସେ ପିନ୍ଧିଥିବା ଏକ ସୁନାଚେନ, ଟଙ୍କା ଓ ମୋବାଇଲ ଫୋନକୁ ଆକ୍ରମଣକାରୀମାନେ ନେଇ ଯାଇଛନ୍ତି। ଶ୍ରୀଧରଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଥାନାରେ ନଂ. ୧୭୬/୨୧ରେ ମାମଲା ରୁଜୁ ହୋଇଛି। ଏହି ଘଟଣା ପରେ ଧୀରେନ୍ଦ୍ରଙ୍କ ବାପା ମହେଶ୍ୱର, ମା' ରୁମା ଓ ସାନବୋହୂ ପ୍ରମିଳା ଭୟରେ ଘରୁ ପଦାକୁ ବାହାରି ପାରୁନାହାନ୍ତି। ପୋଲିସକୁ ସେମାନେ ଭେଟି କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କାହାରିକୁ ଗିରଫ କରାଯାଇନାହିଁ।

# ରାଜନଗରରେ କେନ୍ଦ୍ରୀୟ ଟିମ୍‌ର ୟାସ କ୍ଷୟକ୍ଷତି ଆକଳନ

କେନ୍ଦ୍ରାପଡ଼ା ଅଫିସ/ ରାଜନଗର, ୮।୬(ଡି.ଏନ.ଏ.)



କେନ୍ଦ୍ରୀୟ ଟିମ୍‌ର ସଦସ୍ୟମାନେ ଅଞ୍ଚଳ ବୁଲି କ୍ଷୟକ୍ଷତିର ଆକଳନ କରୁଛନ୍ତି।

ବାତ୍ୟା ୟାସ୍ ରାଜନଗର, ରାଜକନିକା ବ୍ଲକ ଉପାନ୍ତ ଅଞ୍ଚଳରେ ତାଣ୍ଡବ ରଚିଥିଲା। ୟାସ୍ ଯିବା ପରେ ପ୍ରଧାନମନ୍ତ୍ରୀ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଥିଲେ। ତାଙ୍କ ନିର୍ଦ୍ଦେଶରେ ଏକ କେନ୍ଦ୍ରୀୟ ଟିମ ମଙ୍ଗଳବାର କ୍ଷତିଗ୍ରସ୍ତ ଅଞ୍ଚଳ ଅନୁଧ୍ୟାନ କରିବା ସହ କ୍ଷୟକ୍ଷତିର ଆକଳନ କରିଛନ୍ତି। କେନ୍ଦ୍ର କୃଷି ମନ୍ତ୍ରଣାଳୟ ନିର୍ଦ୍ଦେଶକ ବିପୁଲ କୁମାର ଶ୍ରୀବାସ୍ତବଙ୍କ ନେତୃତ୍ୱରେ ଅର୍ଥ ମନ୍ତ୍ରଣାଳୟର ସହ ନିର୍ଦ୍ଦେଶକ ସୁରଜ କୁମାର ପ୍ରଧାନ, ରାସ୍ତା ଓ ଜାତୀୟ ରାଜପଥ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶାଶ୍ୱତ ମହାପାତ୍ର ରାଜନଗରରେ ପହଞ୍ଚି ୟାସ କ୍ଷୟକ୍ଷତିର ଅନୁଧ୍ୟାନ କରିଥିଲେ। ଏହି ଟିମ୍ ପ୍ରଥମେ ରାଜନଗର ବ୍ଲକର ଖୋଲା-ନଳିତାପାଟିଆ ରାସ୍ତା ଦେଖିଥିଲେ। ବାତ୍ୟା ସମୟରେ ବୈତରଣୀ ନଦୀର ଜୁଆର ମାଡରେ ରାସ୍ତା କ୍ଷତିଗ୍ରସ୍ତ ହେବା ସହ ସମୁଦ୍ର ଜୁଆର ପାଣି ରାସ୍ତାକୁ ଡେଇଁ ଜନବସତିରେ ପଶିଥିଲା। ସେଠାରେ ସ୍ଥାନୀୟ ଲୋକଙ୍କ ସହ କେତେ ଫୁଟର ଜୁଆର ଆସିଥିଲା। ରାସ୍ତା ଉପରେ କେତେ ଫୁଟର ଜୁଆର ଯା'ଆସ କରୁଥିଲା ଓ କେଉଁ ଫସଲ କ୍ଷତିଗ୍ରସ୍ତ ହୋଇଛି, ସେ ନେଇ ଟିମ ପଚାରି ବୁଝିଥିଲେ। ପରେ ଡାଙ୍ଗମାଳସ୍ଥିତ ଅରଣ୍ୟ ନିବାସରେ ଜିଲା ପ୍ରଶାସନ ସହ ଆଲୋଚନା କରିଥିଲେ। ପ୍ରଶାସନ ପକ୍ଷରୁ ଜିଲାରେ ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ କେନ୍ଦ୍ରୀୟ ଟିମକୁ ଅବଗତ କରାଯାଇଥିଲା। ଜିଲାର ୧୫୯୨ଟି ଗାଁ ଓ ୪୨ଟି ୱାର୍ଡ ୟାସ୍ ପ୍ରଭାବିତ ହୋଇଛି। ଜିଲା ପ୍ରଶାସନ ସହ କ୍ଷୟକ୍ଷତି ନେଇ କେନ୍ଦ୍ରୀୟ ଟିମ ଆଲୋଚନା କରିବା ପରେ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲିଥିଲେ। ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ବରାଡିଆ ଗ୍ରୀଡ ପରିଦର୍ଶନ କରିଥିଲେ। ପରେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ନଳିତାପାଟିଆ-ତାଳଚୁଆ ନଦୀ ପାଖ ରାସ୍ତାକୁ ଦେଖିଥିଲେ। ଜିଲା ପ୍ରଶାସନ ସହ ଆଲୋଚନା ବେଳେ କେନ୍ଦ୍ରାପଡା ଜିଲାପାଳ ଅମ୍ରିତ ଋତୁରାଜ ବାତ୍ୟା ପୂର୍ବରୁ ଓ ପରବର୍ତ୍ତୀ ସମୟରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରିଥିଲେ। ତଟବନ୍ଧ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଚଣ୍ଡେଶ୍ୱର ବେହେରା, ନିର୍ବାହୀଯନ୍ତ୍ରୀ ସରୋଜ କାନ୍ତ ବେହେରା, ଗୃହ ଓ ରାସ୍ତା ନିର୍ମାଣ ବିଭାଗର ନିର୍ବାହୀଯନ୍ତ୍ରୀ ପ୍ରଦୀପ କୁମାର ମହାନ୍ତି, ଡିଏଫ୍‌ଓ ବିକାଶ ରଞ୍ଜନ ଦାଶ, ଉପଜିଲାପାଳ ନିରଞ୍ଜନ ବେହେରା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ, ଅତିରିକ୍ତ ଜିଲାପାଳ,ଏଡିଡି ମନ୍ଦରଧର ମହାଳିକ, ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ତହସିଲଦାର ଭୋଳାନାଥ ସେଠୀ, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡା. ରଶ୍ମିରଞ୍ଜନ ମହାନ୍ତି ପ୍ରମୁଖ ବୈଠକରେ ଉପସ୍ଥିତ ରହିବା ସହ କ୍ଷୟକ୍ଷତି ସମ୍ପର୍କରେ କେନ୍ଦ୍ରୀୟ ଟିମକୁ ଅବଗତ କରାଇଥିଲେ।

### ପ୍ରାତଃ ଭ୍ରମଣ ସମୟରେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ଆଳି,୮।୬(ଡି.ଏନ.ଏ.)

କୋଳିଡିହ ଗାଁର ଅନନ୍ତ ଚରଣ ବିଶ୍ୱାଳ ମଙ୍ଗଳବାର ପ୍ରାତଃ ଭ୍ରମଣରେ ଯାଉଥିବା ବେଳେ ମହୁ-କୋଳିଡିହ ରାସ୍ତାରେ କେତେଜଣ ଦୁର୍ବୃତ୍ତ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଆଳି ଥାନାରେ ଅଭିଯୋଗ ହୋଇଛି। ଅନନ୍ତଙ୍କ ସ୍ତ୍ରୀ ଅନୁପମାଙ୍କ ଅଭିଯୋଗ ଅନୁଯାୟୀ, ଦମ୍ପତି ମହୁ-କୋଳିଡିହ ରାସ୍ତାରେ ଭ୍ରମଣରେ ଯାଇଥିଲେ। ପୂର୍ବ ପ୍ରସ୍ତୁତି ଅନୁସାରେ ବିଜୟ ନଗର ଗାଁର ଚିତ୍ରାନନ୍ଦ ବିଲାସ ଓ ତଅଁଳାଡିହା ଗାଁର ରବୀନ୍ଦ୍ର ମହାନ୍ତି ତାଙ୍କ ସ୍ୱାମୀଙ୍କୁ ଜୀବନରୁ ମାରିଦେବା ଲାଗି ପ୍ରମୋଦ ଧଳ, ନିମାଇଁ ଧଳ ଓ ଗୁରୁଚରଣ ପରିଡ଼ାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେମାନେ ତାଙ୍କ ସ୍ୱାମୀଙ୍କୁ ଠେଙ୍ଗା, ଭୁଜାଲିରେ ଆକ୍ରମଣ କରିଥିଲେ। ତାଙ୍କୁ ମଧ୍ୟ ସେମାନେ ବିଧା, ଗୋଇଠା ମାରିଥିଲେ। ଗାଁ ଲୋକ ସେମାନଙ୍କୁ ଉଦ୍ଧାର କରି ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ଅଧିକ ଚିକିତ୍ସା ନିମନ୍ତେ ଯାଇଛନ୍ତି। ଏ ସମ୍ପର୍କରେ ଆଇଆଇସି ସଲିଲ କୁମାର ପ୍ରଧାନ କହିଛନ୍ତି, ଅଭିଯୋଗ ଅନୁସାରେ ନଂ. ୧୭୭/୨୧ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଗିରଫ ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି।

# ମଜୁରି ପାଇଁ ଶ୍ରମିକଙ୍କ ଧାରଣା

ରାଜନଗର, ୮।୬(ଡି.ଏନ.ଏ.)

ରାଜନଗର ବ୍ଲକ ବ୍ରାହ୍ମଣସାହି ପଞ୍ଚାୟତ ଗୋବର୍ଦ୍ଧନପୁର ଗାଁର ୨ଜଣ ହିତାଧିକାରୀଙ୍କୁ ମୋ ପୋଖରୀ ଯୋଜନାରେ କାର୍ଯ୍ୟାଦେଶ ଦିଆଯାଇଥିଲା। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ଏହି ମୋ ପୋଖରୀ ଖୋଳାଯାଉଛି। ୨ ହିତାଧିକାରୀ ଶ୍ରମିକମାନଙ୍କୁ ନେଇ ନିଜ ଜାଗାରେ ୨୦୨୦-୨୧ ଆର୍ଥିକ ବର୍ଷରେ ପୋଖରୀ ଖୋଳିଥିଲେ। ମାତ୍ର ଆଜି ଯାଏ ସେମାନେ ମଜୁରି ଟଙ୍କା ପାଇନାହାନ୍ତି। ଏ ନେଇ ବାରମ୍ବାର ପ୍ରଶାସନକୁ ଜଣାଇବା ପରେ ମଜୁରି ଟଙ୍କା ନ ମିଳିବାରୁ ମଙ୍ଗଳବାର ରାଜନଗର ବ୍ଲକ ସମ୍ମୁଖରେ ରମେଶ ଚନ୍ଦ୍ର ଖଟୁଆ, ବିନୋଦ କୁମାର ବିଶ୍ୱାଳ, କିଶୋର ବିଶ୍ୱାଳ, ଗୋଲେଖ ସେଠୀ, ଭରତ ବିଶ୍ୱାଳ ପ୍ରମୁଖ ଧାରଣାରେ ବସିଥିଲେ। ଶ୍ରମିକମାନଙ୍କୁ ସମର୍ଥନ କରି ବ୍ଲକ କଂଗ୍ରେସ କମିଟି ସଭାପତି ଦେବେନ୍ଦ୍ର କୁମାର ଜେନା, ରଞ୍ଜନ କୁମାର ମହାନ୍ତି, ପ୍ରମୋଦ କୁମାର ପ୍ରଧାନ ପ୍ରମୁଖ ଧାରଣାରେ ବସିଥିଲେ। ରାଜନଗର ବ୍ଲକର ସହକାରୀ ନିର୍ବାହୀଯନ୍ତ୍ରୀ ଜଳଧର ବେହେରା, କନିଷ୍ଠଯନ୍ତ୍ରୀ ପ୍ରଭାତ କୁମାର ମାଝି ପ୍ରମୁଖ ଧାରଣାରତ ଶ୍ରମିକ ଓ କଂଗ୍ରେସ ନେତାଙ୍କ ସହ ଆଲୋଚନା କରିବା ପରେ ସେମାନେ ଧାରଣାରୁ ଉଠିଥିଲେ। ଗତବର୍ଷ ମୋ ପୋଖରୀ ଯୋଜନାରେ କାର୍ଯ୍ୟାଦେଶ ଜେନେରେଟ ହେବା ପରେ ମଷ୍ଟରରୋଲ ବାହାରିଥିଲା। ପରେ ଟେକ୍ନିକାଲ ପ୍ରୋବ୍ଲେମରୁ କାର୍ଯ୍ୟାଦେଶ ଏମ୍‌ଜିଏନ୍‌ଆରଇଜିଏସ୍ ସାଇଟ୍‌ରୁ ଡିଲିଟ୍ ହୋ ଇଯାଇଥିଲା। ଏ ନେଇ ବ୍ଲକ ପକ୍ଷରୁ ପିଡି ଡିଆରଡିଏଙ୍କୁ ଚିଠି କରାଯାଇଥିଲା। ଏ ସମ୍ପର୍କରେ ପୂର୍ବରୁ କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀଙ୍କ ନାଁରେ ଆଉ ଥରେ କାର୍ଯ୍ୟାଦେଶ ଜେନେରେଟ ହୋଇପାରିଲା ନାହିଁ। ବ୍ରାହ୍ମଣସାହି ପଞ୍ଚାୟତରେ ରେଗୁଲେଶନ କରାଯାଇ ହିତାଧିକାରୀଙ୍କ ପୁଅ ନାମରେ ପୁଣି କାର୍ଯ୍ୟାଦେଶ ଜେନେରେଟ କରାଯାଇଛି। ମଷ୍ଟରରୋଲ ବାହାର କରାଯାଇ ଶ୍ରମିକମାନଙ୍କୁ ମଜୁରି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।



ରାଜନଗର ବ୍ଲକ ସମ୍ମୁଖରେ ଶ୍ରମିକମାନେ ଧାରଣାରେ ବସିଛନ୍ତି।

# କେନ୍ଦ୍ରୀୟ ପ୍ରତିନିଧି ଦଳକୁ ବିଧାୟକଙ୍କ ଦାବିପତ୍ର

ରାଜନଗର, ୮।୬(ଡି.ଏନ.ଏ.)

ରାଜନଗର ବ୍ଲକ ଲୋକେ ସାମୁଦ୍ରିକ ଝଡ଼ ଓ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରି ଆସୁଛନ୍ତି। ଅଞ୍ଚଳକୁ ବାତ୍ୟା ଦାଉରୁ ରକ୍ଷା କରିବାକୁ ସମସ୍ତ ଲୁଣା ଘେରିବନ୍ଧକୁ ଏନ୍‌ସିଆରଏମ୍‌ପି (ନ୍ୟାଶନାଲ ସାଇକ୍ଲୋନ ରିସ୍କ ମ୍ୟାନେଜମେଣ୍ଟ ପ୍ରୋଜେକ୍ଟ) ଷ୍ଟାଣ୍ଡାର୍ଡରେ କରିବା ସହ ଲୁଣା ଜଙ୍ଗଲ ସୃଷ୍ଟି ପାଇଁ ଅଧିକ ଅନୁଦାନ ଯୋଗାଇ ଦେବାକୁ ରାଜନଗର ବିଧାୟକ ଧ୍ରୁବ ସାହୁ କେନ୍ଦ୍ରୀୟ ପ୍ରତିନିଧି ଦଳ ନିକଟରେ ଦାବି ରଖିଛନ୍ତି। ଡାଙ୍ଗମାଳସ୍ଥିତ ଅରଣ୍ୟ ନିବାସରେ କେନ୍ଦ୍ରୀୟ ପ୍ରତିନିଧି ଦଳଙ୍କୁ ଭେଟି ଏକ ଦାବିପତ୍ର ଦେଇଛନ୍ତି। ଭିତରକନିକାର ଲୁଣା ଜଙ୍ଗଲ ଅଞ୍ଚଳକୁ କିପରି ସୁରକ୍ଷା ଯୋଗାଉଛି ସେ ନେଇ କହିଥିଲେ। କେନ୍ଦ୍ରାପଡ଼ା ଜିଲାରେ ମାତ୍ର ୧୮ କିମି ବନ୍ଧକୁ ଏନ୍‌ସିଆରଏମ୍‌ପି ଷ୍ଟାଣ୍ଡାର୍ଡରେ କରାଯାଇଛି। ସେଥିପାଇଁ ବାତ୍ୟା ସମୟରେ ଉଚ୍ଚ ଜୁଆର ଅଞ୍ଚଳରେ ଅଧିକ କ୍ଷତି କରୁଛି ବୋଲି ଦର୍ଶାଇଥିଲେ। ବାତ୍ୟାରେ ଚାଳ ଛପରଗୁଡିକ ଭାଙ୍ଗି ଯାଇଥିବାରୁ ରାଜନଗର ନିର୍ବାଚନମଣ୍ଡଳୀକୁ ଅଧିକ ସଂଖ୍ୟାରେ ଆବାସ ଯୋଗାଇ ଦେବା, କୃଷି ଓ ମାଛଚାଷ ପ୍ରଭାବିତ ହୋଇଛି। ପ୍ରଭାବିତ ଚାଷୀମାନେ ସେମାନଙ୍କ ଚାଷ କିପରି ଠିକ ଢଙ୍ଗରେ କରିପାରିବେ, ସେ ନେଇ ବ୍ୟବସ୍ଥା କରିବାକୁ ଦାବି ରଖିଛନ୍ତି। ବାତ୍ୟା ସମୟରେ ବିଦ୍ୟୁତ ଖୁଣ୍ଟ ଉପୁଡି ପଡୁଛି। ରାଜନଗର ବାତ୍ୟା ଅଞ୍ଚଳ ହୋଇଥିବାରୁ ବିଦ୍ୟୁତ୍ ସଂଯୋଗୀକରଣର ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରାଯାଉ, ଯେପରି ବାତ୍ୟା ସମୟରେ କ୍ଷତିଗ୍ରସ୍ତ ନ ହେବ। ବାତ୍ୟା ସମୟରେ ରାଜନଗରକୁ ଲୁଣା ଜଙ୍ଗଲ ସୁରକ୍ଷା ଯୋଗାଉଛି। ବିସ୍ତୃତ ବେଳାଭୂମିରେ କାମ୍ପା ଫଣ୍ଡରୁ ଅର୍ଥ ମଞ୍ଜୁର କରାଯାଇ ଲୁଣା ଜଙ୍ଗଲ ସୃଷ୍ଟି କରାଯାଉ। ସମୁଦ୍ର ଜୁଆରକୁ ପ୍ରତିହତ କରିବାକୁ ସୁଦୃଢ ଭିତ୍ତିଭୂମିର ବିକାଶ କରାଗଲେ ସାଧାରଣ ଲୋକେ ନିରାପଦ ଓ ଭୟଶୂନ୍ୟ ହୋଇ ବଞ୍ଚି ପାରିବେ ବୋଲି କେନ୍ଦ୍ରୀୟ ଦଳ ନିକଟରେ ବିଧାୟକ ସାହୁ ଦାବି ରଖିଛନ୍ତି।

### ୨ ଦୋକାନ ଜଳିଗଲା

କୁଜଙ୍ଗ,୮।୬ (ଡି.ଏନ୍.ଏ.)

କୁଜଙ୍ଗ ଥାନା ଅନ୍ତର୍ଗତ ବାଲିତୁଠ ବଜାରରେ ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୨ ଦୋକାନ ଜଳିଯାଇଛି । ନିଆଁରେ ସୁଶାନ୍ତ ସେଠୀଙ୍କ ମନୋହରୀ ଦୋକାନ ଏବଂ ନିକଟରେ ଥିବା ଏକ ମାଛ ଗୋଦାମ ପୋଡ଼ି ଯାଇଛି। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡିଯାଇଛି ବୋଲି କୁଜଙ୍ଗ ଥାନାରେ ସେଠୀ ଅଭିଯୋଗ କରିଛନ୍ତି।ଖବରପାଇ ଏରସମା ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ ଓ ରାଜସ୍ୱ ନିରୀକ୍ଷକ ଶକ୍ତି ମହାପାତ୍ର ମଙ୍ଗଳବାର ଘଟଣାସ୍ଥଳକୁ ଯାଇ କ୍ଷୟକ୍ଷତି ଆକଳନ କରି ଫେରି ଆସିଛନ୍ତି।

### ଯୁବକଙ୍କୁ ହତ୍ୟା ମାମଲା: ଅଭିଯୁକ୍ତ ଗିରଫ

କାଳିଆପାଣି,୮।୬(ଡି.ଏନ.ଏ.)

କାଳିଆପାଣି ଥାନା ଟିକରପଡ଼ା ଗ୍ରାମରେ ସୋମବାର ଦୁଃଖିଆ ଜୁଆଙ୍ଗଙ୍କୁ ତଣ୍ଟି କାଟି ହତ୍ୟା ଅଭିଯୋଗରେ ମଙ୍ଗଳବାର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଦୁଃଖିଆଙ୍କ ପଡ଼ିଶା ମୁଖିଆ ଜୁଆଙ୍ଗ। ମୁଖିଆଙ୍କ ନାମରେ ଥାନାରେ ୫୯/୨୧ରେ ମାମଲା ରୁଜୁ ହୋଇଛି। ବୁଧବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକାରୀ ରମାକାନ୍ତ ମୁଦୁଲି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ସୋମବାର ରାତି ପ୍ରାୟ ୮ଟାରେ ଟିକରପଡ଼ା ଗ୍ରାମରେ କୌଣସି କାରଣକୁ ନେଇ ମୁଖିଆ ଜୁଆଙ୍ଗ ଓ ଦୁଃଖିଆ ଜୁଆଙ୍ଗ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଯାହାକୁ ନେଇ ମୁଖିଆ ଜୁଆଙ୍ଗ ଏକ ଛୁରୀ ନେଇ ଦୁଃଖିଆଙ୍କ ସ୍ତ୍ରୀ ଗୁରୁବାରୀଙ୍କୁ ଭୁସିବାକୁ ଉଦ୍ୟମ କରିଥିଲା। ଦୁଃଖିଆ ବିରୋଧ କରିବାରୁ ମୁଖିଆ ତାଙ୍କୁ ହତ୍ୟା କରିଥିଲେ। ପରେ ଘରୁ ଫେରାର ହୋଇଯାଇଥିଲେ। ପୋଲିସ ତାଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା।

# ଉତ୍ତରପ୍ରତାପ ବାଲିଘାଟକୁ ନେଇ ବଢୁଛି ବିବାଦ

**ଲିଜଧାରୀ ଓ ଭାଜପା ନେତ୍ରୀ ମୁହାଁମୁହିଁ**

ଧର୍ମଶାଳା,୮।୬(ଡି.ଏନ.ଏ.)



ଭାଜପା ନେତ୍ରୀ ଓ ଲିଜ୍‌ଧାରୀଙ୍କ ମଧ୍ୟରେ ଆଲୋଚନା ହେଉଛି।

ଧର୍ମଶାଳା ତହସିଲ ଅଧୀନ ଉତ୍ତରପ୍ରତାପ ବାଲିଘାଟକୁ ନେଇ ବିବାଦ ତେଜିବାରେ ଲାଗିଛି। ଏପରି କି ଲିଜଧାରୀ ଓ ଭାଜପା ନେତ୍ରୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଛି। ସୋମବାର ବାଲି ଘାଟ ବନ୍ଦ ଦାବିରେ ଧର୍ମଶାଳା ଭାଜପା ନେତ୍ରୀ ସ୍ମୃତିରେଖା ପହିଙ୍କ ନେତୃତ୍ୱରେ ଶତାଧିକ ଲୋକ ଏକାଠି ହୋଇଥିଲେ। ସେମାନେ ଘାଟ କର୍ମଚାରୀଙ୍କୁ ଗାଳିଗୁଲଜ କରିବା ସହ ବାଲି ଗାଡ଼ି ଅଟକାଇଥିଲେ। ପହି କୋଭିଡ୍ କଟକଣା ଉଲ୍ଲଂଘନ କରି ଏ ସବୁ କରିଥିବା ବାଲିଘାଟ ଲିଜଧାରୀ ଓ ଦୁଇ ଗାଡ଼ି ଚାଳକ ଥାନାରେ ଅଭିଯୋଗ କରିଛନ୍ତି। ପହି ମଧ୍ୟ ଲିଜଧାରୀଙ୍କ ନାମରେ ଏତଲା ଦେଇଛନ୍ତି। ଦୁଇ ଦିନ ତଳେ ଉତ୍ତରପ୍ରତାପ ଗ୍ରାମର କେତେଜଣ ମହିଳା ବାଲି ପରିବହନ ଟ୍ରକ ଅଟକାଇ ଥିଲେ। ପରେ ପହିଙ୍କ ନେତୃତ୍ୱରେ ଶତାଧିକ ଲୋକ ଘାଟ ବନ୍ଦ ଦାବିରେ ହୋହାଲ୍ଲା କରିଥିଲେ। ଯାହାକୁ ନେଇ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା।

ଏହି ଘାଟକୁ ତହସିଲ ପକ୍ଷରୁ ଶରତ ଚନ୍ଦ୍ର ନାୟକଙ୍କୁ ନିଲାମ ଦିଆଯାଇଛି। ବାର୍ଷିକ ୧୪ ହଜାର ଘନମିଟର ବାଲି ଉତ୍ତୋଳନ ପାଇଁ ଅନୁମତି ରହିଛି। ସରକାରଙ୍କ ନିୟମ ଅନୁଯାୟୀ ଲିଜଧାରୀ ବାଲି ଉତ୍ତୋଳନ କରୁଥିବା କହିଛନ୍ତି। ତେବେ ବାଲି ପରିବହନ ସମୟରେ ରାସ୍ତା ଖରାପ ସହିତ ଗ୍ରାମର ମହିଳା ସ୍ନାନ ଓ ଶୌଚ ନିମନ୍ତେ ନଦୀକୁ ଯାଇ ପାରୁନାହାନ୍ତି ବୋଲି ଅଭିଯୋଗ ଆଣିଥିଲେ। ଯାହାକୁ ନେଇ ଏବେ ରାଜନୀତି ଜୋର ଧରିଛି। ଏପଟେ ତହସିଲ ପ୍ରଶାସନ ପକ୍ଷରୁ ମଧ୍ୟ ପହିଙ୍କ ନାମରେ ଥାନାରେ ଅଭିଯୋଗ ହୋଇଛି। ଶାନ୍ତିଶୃଙ୍ଖଳା ପାଇଁ ସେଠାରେ ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଏ ସମ୍ପର୍କରେ ଥାନା ଅଧିକାରୀ ସରୋଜ କୁମାର ସାହୁ କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# 'ଖରିଫ ଋତୁରେ ସାରର କୃତ୍ରିମ ଅଭାବ ନ ହେଉ'

ଜଗତ୍‌ସିଂହପୁର ଅଫିସ, ୮।୬

- ବ୍ୟାଙ୍କ ମାଧ୍ୟମରେ ଚାଷୀଙ୍କୁ ୬୧ ଲକ୍ଷ ଟଙ୍କା କୃଷି ଋଣ ପ୍ରଦାନ ଲକ୍ଷ୍ୟ
- ଖରିଫ ଋତୁରେ ୧,୦୪,୭୯୫ ହେକ୍ଟର ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ

ଆଗାମୀ ଖରିଫ ଋତୁରେ ସାରର କୃତ୍ରିମ ଅଭାବ ନ ହେଉ। ଏଥିପ୍ରତି ଜିଲା ମୁଖ୍ୟ କୃଷି ଅଧିକାରୀ ସତର୍କ ଦୃଷ୍ଟି ରଖିବାକୁ ପଡିବ। ପ୍ରତ୍ୟେକ ଡିଲର ସେମାନଙ୍କ ଦୋକାନ ଆଗରେ ସାରର ମୂଲ୍ୟ ତାଲିକା ମାରିବେ। କୌଣସି ପରିସ୍ଥିତିରେ ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ଦାମରେ ସାର ବିକ୍ରି ନ ହେବା ଦରକାର। ମଙ୍ଗଳବାର ଖରିଫ-୨୦୨୧ ନିମନ୍ତେ ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ଜିଲା କୃଷି କାର୍ଯ୍ୟ ନିର୍ଦ୍ଧାରଣ କମିଟି ବୈଠକରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ପୌରୋହିତ୍ୟ କରିଥିଲେ। ସେ କହିଥିଲେ, ଜଗତ୍‌ସିଂହପୁର ଏକ କୃଷି ପ୍ରଧାନ ଜିଲା। ଚାଷୀଙ୍କୁ ଉପଯୁକ୍ତ ସମୟରେ ବିହନ ଓ ସାର ଯୋଗାଣର ଆବଶ୍ୟକତା ରହିଛି। ବୈଜ୍ଞାନିକ କୃଷି ଯନ୍ତ୍ରପାତି, କୀଟନାଶକ, ମୃତ୍ତିକା ପରିକ୍ଷଣ, କୃଷି ଋଣ, ବୀମା ସୁବିଧା ଆଦି ଚାଷୀଙ୍କୁ ଠିକ ସମୟରେ ଯୋଗାଇ ଦେବାକୁ କୃଷି ଅଧିକାରୀ, ବ୍ୟାଙ୍କର ଓ ସମବାୟ କର୍ତ୍ତୃପକ୍ଷଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ସେଠୀ କହିଥିଲେ, ୨୦୨୧ ଖରିଫ ଋତୁ ପାଇଁ ଜମି, ଜଳ, ପାଗ ଓ ଜଳସେଚନର ସୁବିଧାକୁ ଦୃଷ୍ଟିରେ ରଖି ଅଧିକ ଧାନ ଚାଷ ପାଇଁ ଲକ୍ଷ୍ୟ ରଖାଯାଇଛି। ଆଗାମୀ ୧୦ ବର୍ଷ ମଧ୍ୟରେ ଅଧିକ ଅମଳକ୍ଷମ କଳାଚମ୍ପା ଧାନ, ଏମ୍‌ଟିୟୁ୧୦୬୪ (ଅମର), ମୃଣାଳିନୀ, ସିଆର୍-୧୦୦୯ ସବ୍ -୧ ଓ ରାଣୀ ଧାନକୁ ଜିଲାରେ ଲୋକପ୍ରିୟ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ବୈଷୟିକ ଯନ୍ତ୍ରପାତି ଯଥା ଟ୍ରାକ୍ଟର, ପାୱାରଟିଲର, ଟ୍ରାନ୍ସପ୍ଲାଣ୍ଟର, ରିପର୍, ଥ୍ରେସର, ହାର୍ଭେଷ୍ଟର, ଡିଜେଲ ପମ୍ପସେଟ୍ ବ୍ୟବହାର ଉପରେ ଅଧିକ ଗୁରୁତ୍ୱ ଦିଆଯିବ। ବେସରକାରୀ ଉଠା ଜଳସେଚନ ପ୍ରକଳ୍ପ, ଜଳନିଧି ଯୋଜନାରେ ଜଳସେଚନର ସୁବିଧା ଯୋଗାଇ ଦେବାକୁ ପଦକ୍ଷେପ ନିଆଯାଉଛି। ସିଡ୍ ଭିଲେଜ୍ କାର୍ଯ୍ୟକ୍ରମ, ଇ-ପେଷ୍ଟ ସର୍ଭେଲାନ୍ସ ମାଧ୍ୟମରେ କୀଟ ଓ ରୋଗ ଦମନ, ଜୈବସାର, ଭର୍ମି କମ୍ପୋଷ୍ଟ, ସରକାରୀ ରିହାତିରେ ବାୟୋ ଫର୍ଟିଲାଇଜର ବ୍ୟବହାର, ପାଣି ପଞ୍ଚାୟତ, ଫାର୍ମର୍ସ କ୍ଲବ, ସ୍ୱେଚ୍ଛାସେବୀ ସଙ୍ଗଠନ ମାଧ୍ୟମରେ ଧାଡି ରୁଆ ଉପରେ ପ୍ରାଧାନ୍ୟ ଦିଆଯାଉଛି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଅଧିକ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରିବା, ଜିଲାରେ ଚାଷୀଙ୍କୁ ବ୍ୟାଙ୍କ ମାଧ୍ୟମରେ ୬୧,୦୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷି ଋଣ ପ୍ରଦାନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଜିଲାରେ ଇ-ମାର୍କେଟିଂ ବ୍ୟବସ୍ଥାରେ ଇନାମ, ନାଫେଡ, କୃଷକ ସଙ୍ଗଠନ, ମଣ୍ଡି ମାଧ୍ୟମରେ ଧାନ, ଡାଲିଜାତୀୟ ଶସ୍ୟ ଓ ତୈଳବୀଜ ବ୍ୟବସାୟକୁ ସୁଦୃଢ କରାଯିବ। ଜିଲାରେ ଆଗାମୀ ଖରିଫ ଋତୁରେ ଧାନ ୮୬,୨୨୦ ହେକ୍ଟର, ମକା ୧୬, ଡାଲିଜାତୀୟ ୮୨, ପନିପରିବା ୧୫,୮୧୫, ଆଖୁ ୨୨୬ ସମେତ ଲଙ୍କା, ହଳଦୀ ଓ ଅଦା ୧୮୭୦ ଏହିପରି ମୋଟ ୧,୦୪,୭୯୫ ହେକ୍ଟର ଚାଷ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ବୈଠକରେ ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି, ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ଜଳସେଚନ ନିର୍ବାହୀଯନ୍ତ୍ରୀ ଓ ନାବାର୍ଡ ଡିଡିଏମ୍ ବିଶ୍ୱଭୂଷଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### କୂଅରୁ ମହିଳା ଉଦ୍ଧାର



କୂଅରୁ ମହିଳାଙ୍କୁ ଉଦ୍ଧାର କରାଯାଉଛି ।

**ଖଣ୍ଡପଡ଼ା,୮।୬(ସ୍ୱ.ପ୍ର.)**ଅସାବଧାନତା କାରଣରୁ ସିଂଘାପଡ଼ା ଭେଟପଦା ଗ୍ରାମର ସୁଭଦ୍ରା ପଣ୍ଡା(୩୨) ନାମ୍ନୀ ଜଣେ ମହିଳା ସୋମବାର କୂଅରେ ପଡ଼ିଯାଇଥିଲେ । ସ୍ଥାନୀୟ ଅଗ୍ନିଶମ କର୍ମଚାରୀମାନେ ତାଙ୍କୁ କୂଅରୁ ଉଦ୍ଧାର କରିଛନ୍ତି । ସୋମବାର ଅପରାହ୍ନରେ ସୁଭଦ୍ରା କୂଅରୁ ପାଣି କାଢୁଥିବା ବେଳେ ହଠାତ୍ ୩୦ ଫୁଟ ଗଭୀର ବିଶିଷ୍ଟ କୂଅ ଭିତରକୁ ଖସି ପଡିଥିଲେ । ଉଦ୍ଧାର ପରେ ସୁଭଦ୍ରାଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ ସେ ସୁସ୍ଥ ଥିବା ଜଣାପଡିଛି ।

### କାମ କରୁଥିବାବେଳେ ଶ୍ରମିକ ମୃତ

**ନୟାଗଡ଼ ଅଫିସ,୮।୬:** ନୟାଗଡ଼ ଟାଉନ ଥାନା ଦେବୋତ୍ତର କଲୋନୀ ଲେନ୍ ୧ରେ ଜଣେ ବ୍ୟକ୍ତିଙ୍କ ଘର କାମ ଚାଲୁଥିବା ସମୟରେ ନୟାଗଡ଼ ସଦର ଥାନା କଣ୍ଟାବଣିଆ ଗାଁର ମାନସ ପଣ୍ଡା(୩୨) ମଙ୍ଗଳବାର ଅଚେତ ହୋଇ ପଡିଲେ । ତାଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା ଡାକ୍ତର ମାନସଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ଅଭିଯୋଗ ପରେ ନୟାଗଡ଼ ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୧୦/୨୧) ରୁଜୁ କରାଯାଇ ତଦନ୍ତ କରାଯାଉଛି। ଅନ୍ୟପକ୍ଷେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

### ପ୍ରାଧ୍ୟାପକ କରୋନାରେ ଆକ୍ରାନ୍ତ

**ଖଣ୍ଡପଡ଼ା,୮।୬(ସ୍ୱ.ପ୍ର.):** କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ଅର୍ଥନୀତି ବିଭାଗର ମୁଖ୍ୟ ପ୍ରାଧ୍ୟାପକ ପବିତ୍ର ସୁବୁଦ୍ଧି ସୋମବାର କରୋନାରେ ଆକ୍ରାନ୍ତ ହୋଇଛନ୍ତି । ପ୍ରଥମେ ପ୍ରାଧ୍ୟାପକ ସୁବୁଦ୍ଧିଙ୍କ ସ୍ତ୍ରୀ ତଥା ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ସାହୁ କରୋନାରେ ଆକ୍ରାନ୍ତ ହୋଇଥିଲେ । ପରେ ପ୍ରାଧ୍ୟାପକ ସୁବୁଦ୍ଧିଙ୍କ କରୋନା ଟେଷ୍ଟ ଭାପୁର ସ୍ୱାସ୍ଥ୍ୟକେନ୍ଦ୍ରରେ କରାଯାଇଥିଲା । ତାଙ୍କ ରିପୋର୍ଟ ପଜିଟିଭ ଆସିଥିଲା । ବର୍ତ୍ତମାନ ଏହି ଦମ୍ପତି ଘରେ ଏକାନ୍ତ ବାସରେ ରହି ଚିକିତ୍ସିତ ହେଉଛନ୍ତି ।

### ୪୪ ସଂକ୍ରମିତ ଚିହ୍ନଟ

**ପାରଳାଖେମୁଣ୍ଡି, ୮।୬(ଡି.ଏନ୍.ଏ.):** ଗଜପତି ଜିଲାରେ ମଙ୍ଗଳବାର ପୁଣି ୪୪ ପଜିଟିଭ୍ ହୋଇଛନ୍ତି। ଜିଲାରେ ୧୪୩୭ ଜଣଙ୍କ କୋଭିଡ୍ ପରୀକ୍ଷା କରାଯାଇଥିଲା। ଏଥିରେ ପାରଳାଖେମୁଣ୍ଡି ସହରରେ ୮, ଗୋଷାଣୀ ବ୍ଲକରୁ ୮, ଗୁମ୍ମା ବ୍ଲକରୁ ୨, କାଶୀନଗର ବ୍ଲକରୁ ୧୦, ମୋହନା ବ୍ଲକରୁ ୪, ନୂଆଗଡ଼ ବ୍ଲକରୁ ୪, ରାୟଗଡ଼ ବ୍ଲକରୁ ୫, ଉଦୟଗିରି ବ୍ଲକରୁ ୨ ଏବଂ ଜିଲା ବାହାରୁ ଜଣେ ସଂକ୍ରମିତ ଥିବା ଜଣାପଡିଛି। ଏମାନଙ୍କ ମଧ୍ୟରୁ ୧୯ ଜଣ ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ବେଳେ, ୨୧ କୋଭିଡ୍ ପରୀକ୍ଷାରେ ଏବଂ ୪ ଜଣ ବାହାରକୁ ଯାତ୍ରା କରିବା ସମୟରେ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୮୬୩୧ରେ ପହଞ୍ଚିଛି। ୮୨୦୧ ସୁସ୍ଥ ହୋଇଛନ୍ତି।

# କରୋନା ଛଡ଼ାଇ ନେଲା ଜୀବିକା

## ଚିନ୍ତାରେ ଅଟୋରିକ୍ସା ଚାଳକ

**ନୟାଗଡ଼ ଅଫିସ,୮।୬:**

ଅଟୋ ଚଳାଇ ପରିବାର ପ୍ରତି ପୋଷଣ କରୁଥିବା ଚାଳକଙ୍କ ପାଇଁ କରୋନା ଛଡାଇ ନେଇଛି ଜୀବିକା । ଘର କେମିତି ଚଳିବ ସେ ଚିନ୍ତା ଏବେ ସେମାନଙ୍କୁ ଘାରିଛି । ନୟାଗଡ଼ ଜିଲା ରଣପୁର ସହରାଞ୍ଚଳର ଅଟୋରିକ୍ସା ଚାଳକମାନେ କାମ ହରାଇବା ପରେ ସେମାନଙ୍କ ପରିବାର ଏବେ ଭୋକ ଉପାସରେ ଦିନ କାଟୁଛନ୍ତି । ଦିନ ଥିଲା ଦୈନିକ ୨୦୦ରୁ ୪୦୦ ଟଙ୍କା ରୋଜଗାର କରି ହସଖୁସିରେ ଚଳୁଥିଲା ସେମାନଙ୍କ ପରିବାର । ହେଲେ ଲକ୍‌ଡାଉନ୍ ଓ ଶର୍ଟଡାଉନ କାରଣରୁ ପ୍ରାୟ ୧ମାସ ହେବ ଅଟୋରିକ୍ସା ଲୋନ୍ ଟଙ୍କା ପରିଶୋଧ କରିପାରୁ ନାହାନ୍ତି ସେମାନେ । ଗତବର୍ଷ କରୋନା କଟକଣା ଯୋଗୁ ଅଟୋରିକ୍ସା ଚାଳକମାନଙ୍କ ଅବସ୍ଥା ଦୁର୍ବିସହ ହୋଇ ପଡିଥିଲା । କିଏ ଜୀବନ ବଞ୍ଚାଇବା ପାଇଁ ଗାଁକୁ ଚାଲି ଯାଇଥିଲା ତ ଆଉ କିଏ ଆଗକୁ ଭଲ ଦିନ ଆସିବ କହି ଅପେକ୍ଷା କରିଥିଲେ । କରୋନା କଟକଣା ହଟିବା ପରେ ଧିରେ ଧିରେ ସବୁ କିଛି ଠିକ୍ ହୋଇ ଆସୁଥିଲା । ହେଲେ ୨ୟ ଲହର ସବୁ କିଛି ଓଲଟପାଲଟ କରି ଦେଇଛି ।

ଏନେଇ ରଣପୁର ନୂଆଗାଁର ଅଟୋରିକ୍ସା ଚାଳକ ଈଶ୍ୱର ବାରିକ କୁହନ୍ତି, ସରକାର ଆମ କଥା କିଛି ବୁଝିଲେନି। ଆମକୁ ସରକାରୀ ସହାୟତା କିଛି ମିଳୁନି। ଫାଇନାନ୍ସ କମ୍ପାନୀ ଗାଡ଼ି ଲୋନ୍ କିସ୍ତି ନେବା ପାଇଁ ଦୁଆରେ ବସୁଛନ୍ତି । ରୋଜଗାର ନ ଥିବାରୁ କିସ୍ତି ଟଙ୍କା ଦେବୁ କିପରି । ଘର ଚଳାଇବା କଷ୍ଟକର ହେଲାଣି। ଆମକୁ ଟିକା ବି ଦେଉ ନାହାନ୍ତି । ରଣପୁର ରାଜବାଟି ନୂଆସାହି ପ୍ରିୟରଞ୍ଜନ ରଣସିଂ କୁହନ୍ତି, ରୋଜଗାର ନାହିଁ । ଧାର କରଜ ବଢ଼ି ଗଲାଣି । ଦୋକାନୀ ଆଉ ବାକି ଦେଉନାହାନ୍ତି । ଘରର ଖର୍ଚ୍ଚ ବଢ଼ି ଚାଲିଛି । କେମିତି ବଞ୍ଚିବୁ ଚିନ୍ତାରେ ସମୟ କଟୁନାହିଁ। ରଣପୁରର ମନୋଜ ପ୍ରଧାନ କୁହନ୍ତି, ପ୍ରାୟ ୧୦୦ ଖଣ୍ଡ ଅଟୋରିକ୍ସା ରଣପୁର ସହରରେ ଅଛି । ପୋଲିସର ମାଡ଼ ଭୟରେ ଷ୍ଟାଣ୍ଡରେ ଅଟୋରିକ୍ସା ଲଗାଇ ପାରୁନୁ । ଭଡ଼ା ମିଳୁନି । ପେଟ୍ରୋଲ ପକାଇବାକୁ ଟଙ୍କା ନାହିଁ । ଯାହା ସଞ୍ଚିତ ଟଙ୍କା ଥିଲା ତାହା ଖର୍ଚ୍ଚ ସରିଛି । ଘର ଚଳାଇବା ଏବେ ବାଧିଲାଣି । ନୟାଗଡ଼ର ବିକାଶ ପ୍ରଧାନ ନାମକ ଜଣେ ଅଟୋରିକ୍ସା ଚାଳକ କୁହନ୍ତି କେବଳ ରଣପୁର ନୁହେଁ ନୟାଗଡ଼ ଜିଲାର ସବୁ ଅଟୋରିକ୍ସା ଚାଳକମାନଙ୍କ ପରିବାର ଭୋକ ଉପାସରେ ଦିନ କାଟୁଛନ୍ତି । ଭଡ଼ା ଆଉ ମିଳୁନାହିଁ । ସରକାରୀ ସହାୟତା ନାହିଁ । ମାସ ମାସ ଧରି ଲକ୍‌ଡାଉନ, ଶର୍ଟ ଡାଉନ ହେଲେ ଆମ ପରି ଗରିବ ଲୋକମାନଙ୍କ ବଞ୍ଚିବା କଷ୍ଟକର ହୋଇ ପଡିବ ବୋଲି ସେ କହିଛନ୍ତି ।



ରଣପୁରର ଅଟୋରିକ୍ସାଷ୍ଟାଣ୍ଡରେ ଚାଳକମାନେ ।

# ଶ୍ରୀରଘୁନାଥଜୀଉ ପୂଜକ ପରିଷଦ ପକ୍ଷରୁ କରୋନା ସହାୟତା ଦାବି

**ଓଡ଼ଗାଁ,୮।୬(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କ ପୂଜକ ପରିଷଦ କରୋନା କାଳରେ ସହାୟତା ଅନୁଦାନ ବୃଦ୍ଧି ନିମନ୍ତେ ଦାବି କରିଛନ୍ତି । ଗତବର୍ଷ ମାର୍ଚ୍ଚରୁ ହିଁ ଶ୍ରୀଜୀଉଙ୍କ ସର୍ବସାଧାରଣ ଦର୍ଶନ ଏକ ରକମ ବନ୍ଦ ରହିଛି । ସେମାନଙ୍କ ମୁଖ୍ୟ ରୋଜଗାର ୧୦ଦିନ ବ୍ୟାପୀ ଶ୍ରୀରାମ ନବମୀ ଯାତ୍ରା ସହିତ ବାର ମାସରେ ତେର ପର୍ବରେ ଆସୁଥିବା ଶ୍ରଦ୍ଧାଳୁଙ୍କ ଦାନ ଦକ୍ଷିଣା ଉପରେ ନିର୍ଭର କରିଥାଏ । ହେଲେ ଲଗାତାର ଦ୍ୱିତୀୟ ଥର ନିମନ୍ତେ ପ୍ରସିଦ୍ଧ ଶ୍ରୀରାମନବମୀ ଯାତ୍ରା ସହିତ ଭକ୍ତଙ୍କୁ ମନ୍ଦିର ପ୍ରବେଶ ବାରଣ କରାଯାଇଛି । ଏହି କାରଣରୁ ମନ୍ଦିର ଉପରେ ନିର୍ଭର କରି ଚଳୁଥିବା ଛତିଶା ନିଯୋଗର ସଦସ୍ୟ ତଥା ସେମାନଙ୍କ ପରିବାର ଏବେ ଅତ୍ୟନ୍ତ ଦୁଃଖରେ ସମୟ ଅତିବାହିତ କରୁଛନ୍ତି । ପରିବାର ଭରଣପୋଷଣ ତଥା ଗୁଜୁରାଣ ମେଣ୍ଟାଇବା ସେମାନଙ୍କ ପାଇଁ କଷ୍ଟକର ହୋଇଛି । ଏପରିସ୍ଥଳେ ସେମାନଙ୍କୁ ଦୈନିକ ମିଳୁଥିବା ମାତ୍ର ୧୨୦ ଟଙ୍କାରେ ପରିବାର ପ୍ରତିପୋଷଣ କରିବା ସମୁଦ୍ରକୁ ଶଙ୍ଖେ ସଦୃଶ୍ୟ ହୋଇଛି । ଏହା ସହିତ ମନ୍ଦିର ପରମ୍ପରା ଅନୁସାରେ ସେମାନଙ୍କୁ ସମସ୍ତ ଯାତ୍ରା ବାବଦରେ ମିଳିବାକୁ ଥିବା ପ୍ରାପ୍ୟକୁ ଦୁଇଗୁଣା କରି ସମୁଦାୟ ୪ଲକ୍ଷ ଟଙ୍କା ଦେବା ସହିତ ଦୈନିକ ପ୍ରାପ୍ୟ ବାବଦ ୧୨୦ ବଦଳରେ ୫୦୦ ଟଙ୍କାକୁ ବୃଦ୍ଧି କରିବାକୁ ଦାବି ହୋଇଛି। ପୂଜକ ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ର ଏନେଇ ଏକ ଦାବିପତ୍ର ନୟାଗଡ଼ ଉପଜିଲାପାଳ ତଥା ଦେବୋତ୍ତର ନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତଙ୍କୁ ପ୍ରଦାନ କରିଛନ୍ତି। ଉପଜିଲାପାଳ ଏ ସଂକ୍ରାନ୍ତରେ ଜରୁରୀ ପଦକ୍ଷେପ ନିଅନ୍ତୁ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

# ଅଟୋରିକ୍ସା ସହ ୫୪ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

**ନୟାଗଡ଼ ଅଫିସ,୮।୬:**

ଶରଣକୁଳ ଥାନା ପୋଲିସ ସାନଗୋରଡା ସ୍କୁଲ ନିକଟରୁ ମଙ୍ଗଳବାର ସକାଳ ସାଢ଼େ ୬ଟାରେ ଏକ ଅଟୋରିକ୍ସା ସହ ୫୪ କିଲୋ ୮୦୦ ଗ୍ରାମ ଗଞ୍ଜେଇ ଜବତ କରିଛି । ଯାହାର ଦାମ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି । ଏହି ଘଟଣାରେ ଅଟୋରିକ୍ସା ଚାଳକ ତଥା ଫତେଗଡ ଥାନା ପୁରୁଷୋତ୍ତମପ୍ରସାଦ ଗାଁର ଅଭିମନ୍ୟୁ ନାୟକ(୪୦)ଙ୍କୁ ଗିରଫ କରାଯାଇଛି। ଅଭିମନ୍ୟୁ ଇଟାମାଟି ଥାନା ଅଧୀନ ମଜ୍ଜୁରିଆପଲ୍ଲୀରେ ପ୍ରାୟ ୧ବର୍ଷ ହେଲା ରହି ଗଞ୍ଜେଇ ବ୍ୟବସାୟ କରି ଆସୁଥିଲେ। ସେ ଶରଣକୁଳ, ଗୋଡିପଡା, ନୟାଗଡ ଓ ଇଟାମାଟି ଅଞ୍ଚଳକୁ ନିଜ ବ୍ୟବସାୟ ବଢ଼ାଇଥିଲେ । ମଙ୍ଗଳବାର ସକାଳୁ ସେ ଗୋଡିପଡାରୁ ଶରଣକୁଳକୁ ଏକ ଅଟୋ ରିକ୍ସା(ନଂ.ଓଡି୨୫ ଜେ୧୩୩୪)ରେ ୪ ବସ୍ତା ଗଞ୍ଜେଇ ନେଇ ନୂଆ ଜଗନ୍ନାଥ ସଡ଼କରେ ଆସୁଥିଲେ । ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ଅଚାନକ ଚଢ଼ାଉ କରି ଗଞ୍ଜେଇ ଜବତ କରିଥିଲା । ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୬୮/୨୧) ରୁଜୁ ହୋଇଛି।



ଅଟୋରିକ୍ସାରେ ରଖାଯାଇଥିବା ଗଞ୍ଜେଇ ବସ୍ତା । ଗିରଫ ଅଭିମନ୍ୟୁ ନାୟକ ।

# କଣା, ରକ୍ତଛିଟା ଗ୍ଲୋଭସକୁ ନେଇ ଚିନ୍ତା

**ନୟାଗଡ଼ ଅଫିସ,୮।୬:**

ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନରେ ନୟାଗଡ଼ ବ୍ଲକର ଅଙ୍ଗନୱାଡି କର୍ମୀଙ୍କୁ ରକ୍ତ ଛିଟା ଲାଗିଥିବା ଓ କଣା ଗ୍ଲୋଭସ ବଣ୍ଟନ କରାଯାଇଥିବା ଅଭିଯୋଗ ହୋଇଛି । ଏନେଇ ବିଜୁ ଶ୍ରମିକ ସାମ୍ମୁଖ୍ୟ ସହ ଅନୁବନ୍ଧିତ ଅଙ୍ଗନୱାଡି କର୍ମୀ ଓ ସହାୟିକା ସାମ୍ମୁଖ୍ୟ ନୟାଗଡ଼ ବ୍ଲକ ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କୁ ଅଭିଯୋଗ କରାଯାଇଥିଲା । ଜିଲାପାଳ ପୋମା ଟୁଡୁ ନିଜେ ଗ୍ଲୋଭସକୁ ପିନ୍ଧି ଥିଲେ । ମୁଁ ନିଜେ ଜଣେ ଡାକ୍ତର । ଏହା ରକ୍ତ ଛିଟା ଓ ପୁରୁଣା ଗ୍ଲୋଭସ୍ ନୁହେଁ । ଆପଣମାନେ ଭୟ କରନ୍ତୁ ନାହିଁ । ଏହା କେମିକାଲ ବୋଲି କହିଥିଲେ । ଜିଲାକୁ ହଜାରରୁ ଉର୍ଦ୍ଧ୍ୱ ଗ୍ଲୋଭସ ଆସିଛି । କରୋନା ପରି ମହାମାରୀ ସମୟରେ କିଏ କାହିଁକି ସଂକ୍ରମଣର ଭୟ ଥିବା ଗ୍ଲୋଭସ ଯୋଗାଇବ । ତେବେ ଆପଣଙ୍କ ଅଭିଯୋଗକୁ ଗୁରୁତ୍ୱ ଦିଆଯାଇଛି । ଏହାକୁ ଏକ କମିଟି ଦ୍ୱାରା ତଦନ୍ତ କରାଯିବ ବୋଲି ସେ ଅଙ୍ଗନୱାଡି କର୍ମୀଙ୍କୁ କହିଛନ୍ତି ।

ପ୍ରକାଶ ଯେ, ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନରେ ଆଶା ଓ ଅଙ୍ଗନୱାଡି କର୍ମୀ ଘରକୁ ଘର ଯାଇ ଥଣ୍ଡା, ଶର୍ଦ୍ଦି, କାଶ, କୋଭିଡ୍ ସଂକ୍ରମଣ ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରୁଛନ୍ତି । ମେ ୨୪ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଅଗଷ୍ଟ ୨୩ ପର୍ଯ୍ୟନ୍ତ ଚାଲିବ । ମାସ୍କ ପରିଧାନ କରିବା, ହାତକୁ ସାନିଟାଇଜ କରିବା, ସାମାଜିକ ଦୂରତ୍ୱ ରକ୍ଷା କରିବା, ବିନା କାରଣରେ ଘର ବାହାରକୁ ନ ଯିବା, କରୋନା ରୋଗର ଲକ୍ଷଣ ଜଣାପଡିଲେ ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ସମ୍ପର୍କରେ ବୁଝାଉଛନ୍ତି । କୋଭିଡ୍ ଲକ୍ଷଣ ଦେଖାଗଲେ ତୁରନ୍ତ ପରୀକ୍ଷା କରାଯାଇ ଚିକିତ୍ସା ବ୍ୟବସ୍ଥା କରାଯାଉଛି । ଏଭଳିସ୍ଥଳେ ନୟାଗଡ଼ ବ୍ଲକର କେତେଜଣ ଅଙ୍ଗନୱାଡି କର୍ମୀଙ୍କୁ ଦିଆଯାଇଥିବା ଗ୍ଲୋଭସରେ ରକ୍ତ ଲାଗିଥିବା ଦେଖିବାକୁ ମିଳିଥିଲା । ପୁଣି ଅଧିକାଂଶ କଣା ଥିଲା । ଏଗୁଡିକ ପୁରୁଣା ଗ୍ଲୋଭସ ଓ ସଂକ୍ରମଣ ଭୟ ରହିଛି କହି ସେମାନେ ପ୍ରତିବାଦ କରିଥିଲେ । ଏନେଇ ଅଙ୍ଗନୱାଡି କର୍ମୀମାନେ ଜିଲା ସଭାନେତ୍ରୀ ଜ୍ୟୋତ୍ସ୍ନାମୟୀ ପଣ୍ଡା, ବିଜୁ ଶ୍ରମିକ ସାମ୍ମୁଖ୍ୟ ରାଜ୍ୟ ସହ ସମ୍ପାଦକ ଶ୍ରୀକାନ୍ତ ପଟ୍ଟନାୟକ ନେତୃତ୍ୱରେ ମଙ୍ଗଳବାର ଜିଲା ସମାଜ ମଙ୍ଗଳ ଅଧିକାରୀ, ସିଡିପିଓଙ୍କ ସହ ଆଲୋଚନା କରିଥିଲେ । ରକ୍ତ ଛିଟା ଓ କଣା ଦେଖାଯାଉଥିବା ୩ ପ୍ୟାକେଟ ସାମ୍ପୁଲ ନେଇ ଦେଖାଇଥିଲେ । ପରେ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ ।



ଅଭିଯୋଗ କରିବାକୁ ଆସିଥିବା ଅଙ୍ଗନୱାଡ଼ି କର୍ମୀମାନେ ।

- ଅଙ୍ଗନୱାଡି କର୍ମୀଙ୍କ ଫେରାଦ୍
- ଜିଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ

# ଲାଞ୍ଚ ମାଗି ନିଲମ୍ବିତ ହେଲେ ହାବିଲଦାର

## ସୋସିଆଲ ମିଡିଆରେ ହୋଇଥିଲା ଭାଇରାଲ

**ନୟାଗଡ଼ ଅଫିସ,୮।୬:**

ବାଇକ ଯାଞ୍ଚ ସମୟରେ ଲାଞ୍ଚ ମାଗି ନୟାଗଡ଼ ଜିଲା ଦଶପଲ୍ଲା ଥାନା ହାବିଲଦାର ଜୟନ୍ତ ବେହେରା ନିଲମ୍ବିତ ହୋଇଛନ୍ତି । ଏହି ଘଟଣାର ତଦନ୍ତ କରିବା ପରେ ଏସ୍‌ପି ହାବିଲଦାରଙ୍କୁ ମଙ୍ଗଳବାର ନିଲମ୍ବିତ କରିଥିବା ଥାନା ଅଧିକାରୀ ଜୟ ପ୍ରକାଶ ପରିଡା ସୂଚନା ଦେଇଛନ୍ତି ।

ଅଭିଯୋଗ ଅନୁଯାୟୀ, ଗତ ୧ ତାରିଖରେ ଦଶପଲ୍ଲାରେ ବାଇକ୍ ଯାଞ୍ଚ ହେଉଥିଲା । ଜଣେ ବ୍ୟକ୍ତିଙ୍କ ବାଇକ୍ କାଗଜପତ୍ର ଠିକ୍ ନ ଥିଲା । ସଂପୃକ୍ତ ବାଇକ ଚାଳକଙ୍କୁ ଦଶପଲ୍ଲା ଥାନାର ହାବିଲଦାର ୫୦୦ ଟଙ୍କା ଲାଞ୍ଚ ଦେଇ ଚାଲିଯିବାକୁ ପରାମର୍ଶ ଦେଇଥିଲେ । ଲାଞ୍ଚ ନ ଦେଲେ ୫ ହଜାର ଚାଲାଣ କଟିବ ବୋଲି ଭୟ ଦେଖାଇଥିଲେ। ଅଯଥାରେ ଟେନସନ ନ ନେଇ ଲାଞ୍ଚ ଦେଇ ଚାଲିଗଲେ ଭଲ ହେବ ବୋଲି କହିଥିଲେ । ହାବିଲଦାରଙ୍କ ଏହି ଲାଞ୍ଚ ମାଗିବା ଘଟଣାକୁ କେହି ଜଣେ ଭିଜୁଆଲ କରି ସୋସିଆଲ ମିଡିଆରେ ଛାଡି ଦେଇଥିଲେ । ଗତ ୪ ତାରିଖରେ ଏହା ଭାଇରାଲ ହୋଇଥିଲା । ଏହି ଭିଡିଓ ଭାଇରାଲ ପରେ ପୋଲିସର ଭାବମୂର୍ତ୍ତି ଉପରେ ଦାଗ ଲାଗିଥିଲା।

# ୨୧ ୟୁନିଟ ରକ୍ତ ସଂଗ୍ରହ



ନୂଆଗାଁ ବ୍ଲକରେ ଆୟୋଜିତ ରକ୍ତଦାନ ଶିବିର ।

**ନୟାଗଡ଼ ଅଫିସ,୮।୬:**

କରୋନା ମହାମାରୀ ଯୋଗୁ ନୟାଗଡ଼ ରକ୍ତ ଭଣ୍ଡାରରେ ରକ୍ତର ଅଭାବ ଲାଗି ରହିଛି । ଏହି ସମସ୍ୟା ଦୂର ପାଇଁ ନୟାଗଡ଼ ଜିଲା ସେବା ଉତ୍ସବ ସମିତି ପକ୍ଷରୁ ଜିଲାବ୍ୟାପୀ ମରାଥାନ ରକ୍ତଦାନ ଶିବିର ଚାଲୁ ରହିଛି । ଏ ଅବସରରେ ମଙ୍ଗଳବାର ନୂଆଗାଁ ବ୍ଲକର ମହିତମା ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୨୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । ରକ୍ତଦାତାମାନଙ୍କ ଆଣ୍ଟିଜେନ ଟେଷ୍ଟ କରାଯିବା ସହ କୋଭିଡ କଟକଣା ମଧ୍ୟରେ ରକ୍ତ ସଂଗ୍ରହ କରାଯାଇଛି । ସେବା ଉତ୍ସବ ସମିତି ଅଧ୍ୟକ୍ଷ ଶିବରାମ ମହାପାତ୍ରଙ୍କ ଦ୍ୱାରା ପରିଚାଳିତ ଏହି ରକ୍ତଦାନ ଶିବିରକୁ କୋରଡା ପୂର୍ବତନ ସମିତି ସଭ୍ୟ ସୁବ୍ରତ ମିଶ୍ର, ସାମାଜିକ କର୍ମୀ ଚିତ୍ତ ରଞ୍ଜନ ପାତ୍ର, ରଞ୍ଜନ ପରିଡା, ପ୍ରଭାକର ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

# ଗଣିଆ ବ୍ଲକରେ ଥମିଲା କରୋନା

**ନୟାଗଡ଼ ଅଫିସ,୮।୬:**

ନୟାଗଡ଼ ଜିଲାରେ ମଙ୍ଗଳବାର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ୧୭୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୨ୟ ଲହରରେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦ ହଜାର ୭୫୩ରେ ପହଞ୍ଚିଛି । ମଙ୍ଗଳବାର ରିପୋର୍ଟରେ ଭାପୁର ବ୍ଲକରେ ୯, ଦଶପଲ୍ଲା ବ୍ଲକରେ ୨୯, ଖଣ୍ଡପଡ଼ା ବ୍ଲକରେ ୨୨, ନୟାଗଡ଼ ବ୍ଲକରେ ୩୧, ନୂଆଗାଁ ବ୍ଲକରେ ୩୮, ଓଡ଼ଗାଁ ବ୍ଲକ ୨୨, ରଣପୁର ବ୍ଲକ ୧୨, ନୟାଗଡ଼ ପୌରାଞ୍ଚଳରେ ୧୪ଜଣ ଚିହ୍ନଟ ହୋଇଛନ୍ତି । ମଙ୍ଗଳବାର ଗଣିଆ ବ୍ଲକରେ କେହି ଆକ୍ରାନ୍ତ ଚିହ୍ନଟ ହୋଇନାହାନ୍ତି । ସୂଚନାଯୋଗ୍ୟ, କରୋନାର ପ୍ରଥମ ଓ ୨ୟ ଲହରରେ ନୟାଗଡ଼ ଜିଲାରୁ ୫୪ ଜୀବନ ଯାଇଛି ।

# ସାବିତ୍ରୀ ପାଇଁ ଫଳ ଦର ଆକାଶ ଛୁଆଁ

**ଖଣ୍ଡପଡ଼ା,୮।୬(ସ୍ୱ.ପ୍ର.)**

ଗୁରୁବାର ସାବିତ୍ରୀ ବ୍ରତ । ଏଥିପାଇଁ ରାସ୍ତା କଡରୁ ଆରମ୍ଭ କରି ବିଭିନ୍ନ ସାହି ବସ୍ତି, ଛକ ଓ ବଜାରରେ ଫଳ ବ୍ୟବସାୟୀଙ୍କ ପସରା ମେଲିଛି । ବିଶେଷ କରି ବିଭିନ୍ନ କିସମର ଆମ୍ବର ଚାହିଦା ରହିଛି । ଶାଢ଼ି,ଚୁଡ଼ି, କସମେଟିକ୍ସ ବେପାର ଲୁଚାଛପାରେ ଚାଲିଛି । ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ବ୍ୟବସାୟୀମାନେ ମନଇଚ୍ଛା ଦର ଧାର୍ଯ୍ୟ କରୁଛନ୍ତି । ମଙ୍ଗଳବାର ସକାଳେ ଖଣ୍ଡପଡ଼ା, ଖଲିସାହି, କଣ୍ଟିଲୋ ବେଣାଗାଡିଆ, ସିଧାମୂଳା ଆଦି ବଜାରରେ ସୀମିତ ପରିମାଣରେ ଫଳ ମହଜୁଦ ଥିବା ଦେଖିବାକୁ ମିଳିଥିଲା । ବଜାର ଖୋଲିବାର କିଛି ସମୟ ପରେ ଜନଗହଳି ଫଳ ଦୋକାନରେ ବଢୁଥିବା ଦେଖିବାକୁ ମିଳିଥିଲା । ଏହାକୁ ସୁଯୋଗ ବୋଲି ଭାବି ବ୍ୟବସାୟୀମାନେ ମନଇଚ୍ଛା ଦର ବୃଦ୍ଧି କରିଥିଲେ । ସେଓ, ଅଙ୍ଗୁର, କମଳା କିଲୋ ପ୍ରତି ଶହେ ଟଙ୍କାରୁ ଉର୍ଦ୍ଧ୍ୱ ଥିବା ବେଳେ କଦଳୀ ଡଜନ ୪୦ରୁ୫୦ ଟଙ୍କାରେ ବିକ୍ରି ହୋଇଥିଲା । ସେହିପରି ସପୁରୀ ଗୋଟା ୩୦ରୁ ୪୦ଟଙ୍କା, ସପେଟା କେଜି ୯୦ ଟଙ୍କା, ପଣସ ଗୋଟାପ୍ରତି ୧ଶହ ଟଙ୍କାରୁ ଅଧିକ ଥିଲା । ସେହିପରି ଗୋଟାତାଳ ଗୋଟା ୫ଟଙ୍କା, କେନ୍ଦୁ ଗୋଟା ୫ଟଙ୍କା, ନଡ଼ିଆ ଗୋଟାକୁ ୩୦ରୁ ୪୦ ଟଙ୍କାରେ ବିକ୍ରି ହୋଇଥିବ ବେଳେ କାକୁଡି କିଲୋ ୪୦ଟଙ୍କା ଥିଲା । ଏପରି ପରିସ୍ଥିତିରେ ଗ୍ରାହକମାନେ ନିଜର ଆବଶ୍ୟକତା ଅନୁଯାୟୀ ଫଳ କିଣି ନେଇଥିଲେ । କରୋନା କଟକଣା ଭିତରେ ଅନ୍ୟ ସ୍ଥାନକୁ ଯାଇ ମୁଲଚାଲ କରି ଫଳ କିଣିବା ଅପେକ୍ଷା ପାଖ ବଜାରରୁ ପୂଜା ପାଇଁ ବିଭିନ୍ନ ସାମଗ୍ରୀ କିଣି ନେବାକୁ ଗ୍ରାହକମାନେ ପସନ୍ଦ କରିଥିଲେ ।



ଫଳ ଦୋକାନରେ ଗ୍ରାହକଙ୍କ ଭିଡ଼ ।

# ମହିଳାଙ୍କୁ ହତ୍ୟାକରି ଫିଙ୍ଗିଦେଲେ

- ଧାର ଟଙ୍କା ମାଗିବା ମହଙ୍ଗା ପଡ଼ିଲା
- କୂଅରୁ ମୃତଦେହ ବାହାରିବା ପରେ ଉତ୍ତେଜନା

**ନୟାଗଡ଼ ଅଫିସ,୮।୬:**

ନୟାଗଡ଼ ଜିଲା ଇଟାମାଟି ଥାନା କୃଷ୍ଣପ୍ରସାଦ ଗାଁରେ ଧାର ଟଙ୍କା ମାଗିବାରୁ ଜଣେ ମହିଳାଙ୍କୁ ହତ୍ୟା କରି ଫୋପାଡି ଦିଆଯାଇଛି । ଅଭିଯୋଗ ପାଇ ଇଟାମାଟି ଥାନା ପୋଲିସ ମଙ୍ଗଳବାର କୃଷ୍ଣପ୍ରସାଦ ଗାଁରେ ପହଞ୍ଚି କୂଅରୁ ମୃତଦେହ ଜବତ କରିଛି । ଏହି ଘଟଣା ପରେ କୃଷ୍ଣପ୍ରସାଦ ଗାଁରେ ଉତ୍ତେଜନା ପ୍ରକାଶ ପାଇଛି। ମୃତକ ହେଲେ କୃଷ୍ଣପ୍ରସାଦ ଗାଁର ବିନୋହ ବିହାରୀ ଲେଙ୍କାଙ୍କ ସ୍ତ୍ରୀ ଶୈଳବାଳା(୪୫)। ଅନ୍ୟପକ୍ଷେ ବ୍ୟବଚ୍ଛେଦ କରାଇ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୮୫/୨୧) ରୁଜୁ କରି ପୋଲିସ ତନାଘନା ଚଳାଇଛି ।

ପୋଲିସ ସୂଚନା ଅନୁସାରେ କୃଷ୍ଣପ୍ରସାଦ ଗାଁର ଶୈଳବାଳା ଲେଙ୍କାଙ୍କଠାରୁ ସେହି ଗାଁର ସୁମନ୍ତ ମହାନ୍ତି ପ୍ରାୟ ଲକ୍ଷାଧିକ ଟଙ୍କା ଧାର ସୂତ୍ରରେ ନେଇଥିଲେ । ବିଭିନ୍ନ ସମୟରେ ଶୈଳବାଳା ଟଙ୍କା ମାଗିବାରୁ ସୁମନ୍ତ ଦେଇ ନ ଥିଲେ । ଟଙ୍କା ନ ଦେଲେ ଘରକୁ ଯିବେ ନାହିଁ ବୋଲି ଶୈଳବାଳା କହିଥିଲେ । ତା’ପରଦିନ ସୁମନ୍ତଙ୍କ କୂଅରେ ଶୈଳବାଳାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା । ତାଙ୍କୁ ହତ୍ୟା କରାଯାଇଥିବା ମହିଳାଙ୍କ ସ୍ୱାମୀ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ବସନ୍ତ ସାହୁ କହିଛନ୍ତି ।

ଅନ୍ୟପକ୍ଷେ ମୃତକଙ୍କ ସ୍ୱାମୀ କୃଷ୍ଣପ୍ରସାଦ ଗାଁର ବିନୋହ ବିହାରୀ ଲେଙ୍କା କୁହନ୍ତି, ଆମ ପରିବାରଠାରୁ ସୁମନ୍ତ ୬ ଲକ୍ଷ ଟଙ୍କା ଧାର ନେଇଥିଲେ। ବିଭିନ୍ନ ସମୟରେ ଟଙ୍କା ମାଗିବାରୁ ଆଜି ଦେବି, କାଲି ଦେବି କହି ସମୟ ଗଡାଇ ଚାଲିଥିଲେ । ୨୦୧୭ରେ ଆମେ ଏକ ନିର୍ଦ୍ଦିଷ୍ଟ ଦଳକୁ ଭୋଟ ଦେଇଛୁ କହି ଆମ ପରିବାରକୁ ବାସନ୍ଦ କରାଗଲା । ପରେ ଗାଁରୁ ତଡି ଦିଆଗଲା । ମୋ ଘରୁ ଲୁଟ୍ କରାଯିବା ସହ ଘରକୁ ଭାଙ୍ଗିରୁଜି ପଦା କରି ଦିଆଗଲା । ୪ ବର୍ଷ ହେଲା ଆମ ପରିବାର ଅଭିଶପ୍ତ ଜୀବନଯାପନ କରି ଆସିଛୁ । ଏହି ସୁଯୋଗରେ ସୁମନ୍ତ ଆମକୁ ଆଉ କରଜ ଟଙ୍କା ଫେରାଇଲେ ନାହିଁ । ବିଭିନ୍ନ ସମୟରେ ଆମେ ଟଙ୍କା ମାଗିଛୁ । ସୋମବାର ସନ୍ଧ୍ୟାରେ ମୋ ପୁଅ ଓ ସ୍ତ୍ରୀ ଟଙ୍କା ମାଗିବାକୁ ଗାଁକୁ ଯାଇଥିଲେ । ସୁମନ୍ତଙ୍କ ସହ ସେମାନଙ୍କ ଭେଟ ହୋଇଥିଲା । ଟଙ୍କା ମାଗିବା ସମ୍ପର୍କରେ ଗାଁ ସଭାପତିଙ୍କୁ ଜଣାଇଛୁ । ବାସନ୍ଦ ହେତୁ ସେ କିଛି ସହଯୋଗ କରି ପାରିବେ ନାହିଁ କହିଥିଲେ । ସନ୍ଧ୍ୟା ହୋଇ ଯିବାରୁ ପୁଅ ଘରକୁ ଚାଲି ଆସିଥିଲା । ସ୍ତ୍ରୀ ଟଙ୍କା ନ ପାଇଲେ ଘରକୁ ଆସିବନି ବୋଲି କହିଥିଲେ । ଏଭଳି ସ୍ଥଳେ ରାତି ହେବାରୁ ସ୍ତ୍ରୀ ଘରକୁ ନ ଆସିବାରୁ ଇଟାମାଟି ପୋଲିସ ସହ ଯୋଗାଯୋଗ କରିଥିଲୁ। ଗାଁରେ ଜଣେ ମହିଳା ଗଣ୍ଡଗୋଳ କରୁଥିବା ସୁମନ୍ତ କୁଆଡେ ପୋଲିସକୁ ଜଣାଇଥିଲେ। ପୋଲିସ ଖବର ପାଇ କୃଷ୍ଣପ୍ରସାଦ ଯାଇ ତଦନ୍ତ କରିଥିଲା । ହେଲେ ସ୍ତ୍ରୀଙ୍କ କିଛି ଖୋଜ ଖବର ମିଳି ନ ଥିଲା । ମଙ୍ଗଳବାର ସକାଳେ କୂଅରେ ଏକ ମୃତଦେହ ପଡିଥିବା ଜଣାପଡିଥିଲା । ମୋ ସ୍ତ୍ରୀକୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବା ପାଇଁ କୂଅରେ ଫୋପାଡି ନାଟକ କରାଯାଉଛି । ଯାହା ତଦନ୍ତ ସାପେକ୍ଷ। ହତ୍ୟାକାରୀଙ୍କୁ ଗିରଫ ସହ ମୋ ଟଙ୍କା ଫେରାଇବାର ବ୍ୟବସ୍ଥା କରିବାକୁ ସେ ଅନୁରୋଧ କରିଛନ୍ତି ।